# ମାଲକାନଗିରିରେ ଆଇଜି ଅପରେଶନଙ୍କ ସମୀକ୍ଷା

ମାଲକାନଗିରି, ୨୩।୧ (ଦୁର୍ଯ୍ୟୋଧନ ପାତ୍ର)

ଆଇଜି ଅପରେଶନ ଏସ୍. ଦେବଦତ୍ତ ସିଂ ୨ ଦିନିଆ ମାଲକାନଗିରି ଗସ୍ତରେ ଆସିଛନ୍ତି। ମାଲକାନଗିରି ଏସ୍‌ପି ନୀତୀଶ ବାଧ୍ୱାନୀ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି, ମଙ୍ଗଳବାର ସିଂ ମାଲକାନଗିରିରେ ପହଞ୍ଚିବା ପରେ ମାଓବାଦୀପ୍ରବଣ ଅଞ୍ଚଳ ବୁଲି ଦେଖିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ । ସେ ପ୍ରଥମେ ମାଲକାନଗିରି ଜିଲାପାଳ ବିଶାଳ ସିଂ ଓ ଏସ୍‌ପି ନୀତୀଶ ବାଧ୍ୱାନୀଙ୍କ ସହ ଆଲୋଚନା କରିବା ପରେ ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନାଙ୍କୁ ଭେଟିଥିଲେ। ପରେ ତାଙ୍କ ସହ ଆଲୋଚନା କରି ଜିଲାର ମାଓବାଦୀପ୍ରବଣ ଅଞ୍ଚଳରେ କିପରି ଅପରେଶନ ଜାରି ରହିଛି ସେ ବିଷୟରେ ବୁଝିଥିଲେ। ପରେ ସେ ଚିତ୍ରକୋଣ୍ଡା ବ୍ଲକର ଗୁରାସେତୁ ଓ ହନ୍ତାଲଗୁଡା ବିଏସ୍‌ଏଫ୍ କ୍ୟାମ୍ପ ପରିଦର୍ଶନକରି ସେଠାରେ ଥିବା ଯବାନମାନଙ୍କ ସହ ମିଶି ସମୀକ୍ଷା କରିଥିଲେ । ପରେ ଜୋଡାମ୍ବ ଓ ପାପରମେଟଲା ଥାନା ଗସ୍ତକରି ପୋଲିସ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ମାଥିଲି ଥାନା ଅନ୍ତର୍ଗତ ତୁଳସୀ ବିଏସ୍‌ଏଫ୍ କ୍ୟାମ୍ପକୁ ଯାଇ ସେଠାରେ ପୋଲିସ ଦ୍ୱାରା ହୋଇଥିବା ଜନସମ୍ପର୍କ ଶିବିର ଉଦ୍‌ଘାଟନ କରିଥିଲେ । ପରେ ଉକ୍ତ ଶିବିରରେ ଉପସ୍ଥିତ ତୁଳସୀ ଓ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ। ଏଥିସହ ତୁଳସୀ ବିଏସ୍‌ଏଫ୍ କ୍ୟାମ୍ପ ଅଧିକାରୀ ଓ ଯବାନମାନଙ୍କ ସହ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଆଇଜି ଅପରେଶନ୍ ଦେବଦତ୍ତ ସିଂ ଓ ଅନ୍ୟ ଅଧିକାରୀମାନେ କ୍ୟାମ୍ପକୁ ଯାଉଛନ୍ତି।

## ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

ବୈପାରିଗୁଡ଼ା, ୨୩।୧ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡାସ୍ଥିତ ଡିଏନ୍‌କେ ପଡ଼ିଆଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ହୋଇଛି। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜାକ ଦୁର୍ଗାପ୍ରସାଦ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ସରପଞ୍ଚ ସୂର୍ଯ୍ୟମଣି ନାୟକ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ପାଇଁ ଦୀର୍ଘ ୩୦ ବର୍ଷ ହେବ ଯୋଜନା ଚାଲିଛି। ମତଭେଦ ଯୋଗୁ ମନ୍ଦିର ନିର୍ମାଣ ହୋଇପାରୁନି। ଜଗନ୍ନାଥ ଏକ ଅସ୍ଥାୟୀ ଟିଣ ଛପର ଘରେ ପୂଜା ପାଉଛନ୍ତି। ମନ୍ଦିର ନିର୍ମାଣ ପାଇଁ ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଭୂମିପୂଜା ହୋଇଥିବାରୁ ଏଥର ମନ୍ଦିର ନିର୍ମାଣ ନେଇ ସମସ୍ତେ ଆଶାବାଦୀ ଅଛନ୍ତି।

## ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୩।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ାଉ ହୋଇଛି । ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଅବକାରୀ କର୍ମଚାରୀ ଚଢାଉ କରିଥିଲେ। ଘଟଣାସ୍ଥଳରେ କର୍ମଚାରୀମାନେ ପହଞ୍ଚିବା ପୂର୍ବରୁ ମଦ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ମଦଭାଟି ଭାଙ୍ଗି ୭ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଗାଁରୁ ମାଲକାନଗିରିକୁ ବୃଦ୍ଧଙ୍କ ସାଇକେଲ ଯାତ୍ରା

## ପରିବେଶ ସଚେତନତା ବାର୍ତ୍ତା

ମାଲକାନଗିରି, ୨୩।୧ (ଦୁର୍ଯ୍ୟୋଧନ ପାତ୍ର)

ଚାରାରୋପଣ ଓ ସ୍ୱଚ୍ଛ ଭାରତ ବାର୍ତ୍ତାନେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିରୁ ମାଲକାନଗିରିକୁ ସାଇକେଲ ଯାତ୍ରା କଲେ ବୃଦ୍ଧ। ନେତାଜୀ ସୁଭାଷ ବୋଷଙ୍କ ୧୨୭ତମ ଜୟନ୍ତୀ ଅବସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମାରୁ ୭୭ କି.ମି . ମାଲକାନଗିରିକୁ ସାଇକେଲ ଯାତ୍ରା କରିଥିଲେ କୋରାପୁଟ ଜିଲା ସେମିଳିଗୁଡା ଗ୍ରାମର ଏସ୍. ଚିନ୍ନା ରାଓ ନାମକ ଜଣେ ବୃଦ୍ଧ। ବର୍ତ୍ତମାନ ପରିସ୍ଥିତିରେ ସମଗ୍ର ଦେଶ ଓ ରାଜ୍ୟରେ ପରିବେଶ ଦୂଷିତ ହେବା ସହ ସବୁଜ ଜଙ୍ଗଲ ଧ୍ୱଂସହେବାକୁ ବସିଲାଣି। ପ୍ରତ୍ୟେକ ସ୍ଥାନରେ ଚାରାରୋପଣ କରି ଜଙ୍ଗଲ ସୁରକ୍ଷିତ ରଖିବା, ପ୍ଲାଷ୍ଟିକ ଜରି ବର୍ଜନ କରିବା ସହ ସ୍ୱଚ୍ଛ ଭାରତର ସଚେତନତା ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ସାଇକେଲ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଓ କହିଥିଲେ। ରାଓ ତେନ୍ତୁଳିଗୁମ୍ମାରେ ପହଞ୍ଚିବା ପରେ ସେଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶହୀଦଙ୍କ ପରିବାରଙ୍କୁ ଭେଟିବା ସହିତ ତେନ୍ତୁଳିଗୁମ୍ମା ଗ୍ରାମରେ କେତେକ ଚାରାରୋପଣ କରି ଜଙ୍ଗଲ ରକ୍ଷା ଓ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ । ମାଲକାନଗିରିରେ ପହଞ୍ଚିବା ପରେ ସ୍ଥାନୀୟ ସୁଭାଷ ବୋଷ ଛକରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଓ ମାଲକାନଗିରିର ବିଶିଷ୍ଟ ବ୍ୟକ୍ତି ଓ ସୁଭାଷ ବୋଷ ଟାଉନ କ୍ଲବ ସଦସ୍ୟମାନେ ରାଓଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ରାଓ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ପୂର୍ବରୁ ସେ ଦେଓମାଳୀ ଓ ପୁଟଶିଲ ପାର୍ବତ୍ୟ ରୋହଣକରି ବିଏସ୍‌ଏଫ୍ ପକ୍ଷରୁ ସମ୍ମାନିତ ହେବା ସହିତ ଅନ୍ୟାନ୍ୟ ସଚେତନତା ବାର୍ତ୍ତା ଦେଇ ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ବୃଦ୍ଧ ବୟସରେ ମଧ୍ୟ ତାଙ୍କର ସାଇକେଲ ଚାଳନା ଓ ସଚେତନତା ବାର୍ତ୍ତା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି।



## ୨୭ରୁ ଖେଳାଳି ପଞ୍ଜୀକରଣ

### ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ନବରଙ୍ଗପୁର, ୨୩।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ଆସନ୍ତା ୨୭ରୁ ୧ ଫେବୃଆରୀ ମଧ୍ୟରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ପଞ୍ଜୀକରଣ ଆରମ୍ଭ ହେବ। ଏ ନେଇ ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ସୂଚନା ଦେଇଛନ୍ତି। ଉକ୍ତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ଚାହୁଁଥିବା ଖେଳାଳି ସପ୍ତମରୁ ଦଶମ ଶ୍ରେଣୀ ମଧ୍ୟରେ ହୋଇଥିବା ଆବଶ୍ୟକ। ପଞ୍ଜୀକରଣ ସମୟରେ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କଠାରୁ ଷ୍ଟଡି ସାର୍ଟିଫିକେଟ, ଡିଜିଟାଲ ଜନ୍ମ ପ୍ରମାଣପତ୍ର ଏବଂ ଆଧାର କାର୍ଡ ସାଥିରେ ଆଣିବାକୁ ହେବ। ଏଥିରେ ଜିଲା ଶିକ୍ଷା ବିଭାଗ, ଜିଲା ମଙ୍ଗଳ ବିଭାଗ, ଜିଲାରେ ଥିବା ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ନବରଙ୍ଗପୁର ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ପଞ୍ଜୀକୃତ ବିଭିନ୍ନ କ୍ଲବ୍‌ର ସଦସ୍ୟ ମଧ୍ୟ ଭାଗନେଇ ପାରିବେ ବୋଲି ସଂଘ ଉପ ସଭାପତି ଶୁଭେନ୍ଦୁ ନାଥ ବେହେରା ସୂଚନା ଦେଇଛନ୍ତି। ପଞ୍ଜୀକରଣ କାର୍ଯ୍ୟକ୍ରମକୁପରିଚାଳନା କରିବା ପାଇଁ ଶଶାଙ୍କ ଶେଖର ବେହେରା ଏବଂ ଅଶୋକ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି।

# ଅନୁସୂଚିତ ଜାତି, ଜନଜାତି ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ପଡ଼ିଆ, ୨୩।୧ (ଭାସ୍କର ରାଓ)

ପଡ଼ିଆ ବ୍ଲକ ମୋଟେରୁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ମାଲକାନଗିରି ଡିଡବ୍ଲ୍ୟୁଓ ପ୍ରଫୁଲ୍ଲ କୁମାର ଭୁଜବଳ, ମୁଖ୍ୟବକ୍ତା ପଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ବିଦ୍ୟାଳୟ ସଭାପତି ଦେବା ମାଡକାମୀ, ମାଲକାନଗିରି ଏଡିଡବ୍ଲ୍ୟୁଡି ଜ୍ୟୋତି ପ୍ରକାଶ ବେହେରା, ଆଦିବାସୀ ଉନ୍ନୟନ ସଂସ୍ଥା ଅଧ୍ୟକ୍ଷ ଅନିମେଷ ମହାପାତ୍ର, ପଡିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ସରକାର, ପଡ଼ିଆ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦ୍ଧୁରା କବାସୀ, ପାଙ୍ଗାମ ଏସ୍‌ଏସ୍‌ଡ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ରାୟ, ଶିଖପଲ୍ଲୀ ଏସ୍‌ଏସ୍‌ଡ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାପାତ୍ର,ମାଲକାନଗିରି ଚିପିଡି କାଉସିଲର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୪୩୦ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ସେଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଆଦିବାସୀ ଅଞ୍ଚଳ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ହୋଇଥିବାରୁ ଅଭିଭାବକ, ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଖୁସି ପ୍ରକଟ କରିଥିଲେ। ବିଭିନ୍ନ ଖେଳରେ ଭାଗନେଇଥିବା ୩୩ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ନାଚଗୀତ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରିଥିଲେ ।

# ସୁଭାଷ ବୋଷ ଜୟନ୍ତୀ ପାଳିତ

ମାଲକାନଗିରି, ୨୩।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୁଭାଷ ବୋଷ ଛକରେ ୧୨୭ତମ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସମ୍ମାନିତ ଅତିଥି ଏସ୍‌ଡିପିଓ ସଚିନ୍ ପଟେଲ, ତହସିଲଦାର ନରସିଂହ ଗାଦବା, ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରି ନେତାଜୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଅନୁରୂପ ଟାଉନ କ୍ଲବ ପରିସରରେ କ୍ଲବ ସଭାପତି ଡି. ଚିନ୍ନା ରାଓଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନବାସୀ ଗବେଷକ ରତ୍ନାକର ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ନାଗରିକ ଗଙ୍ଗାଧର ବୁରୁଦା ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରିବା ସହି ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ଶଙ୍କର ପାଣିଗ୍ରାହୀଙ୍କ ସମେତ ଜି. ଶ୍ରୀନିବାସ ରାଓ, ଏମ୍. ବାଲାରାଜୁ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପଦ୍ମ ପାଙ୍ଗୀ ପ୍ରମୁଖ କ୍ଲବ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# ଶିକ୍ଷା, ସ୍ୱାସ୍ଥ୍ୟ ଉନ୍ନତି ନେଇ ଆଲୋଚନା



ଚନ୍ଦାହାଣ୍ଡି, ୨୩।୧ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ଗୌଡ଼ ସମାଜ ପକ୍ଷରୁ ପାଟଖଲିଆରେ ସମାଜର ସାଂସ୍କୃତିକ କାର୍ଯ୍ୟାଳୟ ଓ ବୁଢ଼ା ରାଜା ମନ୍ଦିର ନିର୍ମାଣ ନେଇ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଖଲିଆ ପଞ୍ଚାୟତ ସଭାପତି ଉମ୍ବରୁ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ପଡୋଶୀ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ସଭାପତି ଟଙ୍କଧର ଅଣ୍ଟି ମୁଖ୍ୟ ବକ୍ତା, ସାମାଜିକ କର୍ମୀ ଶ୍ୟାମସୁନ୍ଦର ନେତାମ, ମାଟି ପୂଜାରୀ ଉଗ୍ରସେନ ପୂଜାରୀ, ଅବସରପ୍ରାପ୍ତ ଶିକ୍ଷକ ଲାଲମୋହନ ଧ୍ରୁଆ, ପୁରୁଷମ ନେତାମ, ଶଙ୍କର ମାଝି, ଠଣସିଙ୍ଗ ଧ୍ରୁଆ, ଅର୍ଜୁନ ପୂଜାରୀ, ଧନସିଂ ମାଝି, ଗଙ୍ଗାରାମ ନେତାମ ଭକ୍ତରାମ ନେତାମ, ତିଲ ପୋର୍ଟି, ମୁକୁନ୍ଦ ମାଝି, ରୁକ୍ମଣ ଧ୍ରୁଆ, ଜଳଧର ଅଣ୍ଟି, ନେପାଳ ଧ୍ରୁଆ, ଶରତ ଧ୍ରୁଆ, ଜୟରାମ ନେତାମ ଅତିଥିଭାବେ ଯୋଗଦେଇଥିଲେ। ଗୌଡ଼ ସମାଜ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଉନ୍ନତି ଓ ବାଲ୍ୟବିବାହ କିପରି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ପାଟଖଲିଆ ପଞ୍ଚାୟତର ୨୧ ଗୋଟି ମନ୍ଦିର ମୁଖିଆ ଓ ଧଙ୍ଗଡ଼ା ମାଝି ଏବଂ ଶତାଧିକ ମହିଳା ଉପସ୍ଥିତ ଥିଲେ। ଗୌରହରି ନେତାମ ମଞ୍ଚ ପରିଚାଳନା କରିଥିଲେ।

# ନେତାଜୀ, ସାଏଙ୍କ ଆଦର୍ଶ ମାନି ଦେଶସେବା କର

ନବରଙ୍ଗପୁର, ୨୩।୧ (ସଦାଶିବ ପ୍ରହରାଜ)

## ସ୍ୱତନ୍ତ୍ର ତାଲିମ କେନ୍ଦ୍ରରେ ନେତାଜୀ ଜୟନ୍ତୀ ପାଳିତ

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ନବରଙ୍ଗପୁର ଜିଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ସ୍ଥାନୀୟ ଦିବ୍ୟାଙ୍ଗ ପିଲାଙ୍କ ନିମନ୍ତେ ଥିବା ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର ଆଶା କିରଣରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଛି। ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନ ଉପରେ ପିଲାମାନେ ଆଲୋକପାତ କରିବା ସହ କବିତା ପାଠ କରିଥିଲେ। ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଭଳି ବୀରମାନଙ୍କ ଜୀବନୀ ପଢ଼ି ତାଙ୍କୁ ଆଦର୍ଶ ଭାବି ଦେଶ ପାଇଁ ନିଜ ଜୀବନ ଉତ୍ସର୍ଗ କରିବାକୁ ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା କହିଛନ୍ତି। ଦେଶ ପାଇଁ ନେତାଜୀଙ୍କର ଏବଂ ଓଡ଼ିଶା ପାଇଁ ବୀର ସୁରେନ୍ଦ୍ର ସାଏଙ୍କ ବଳିଦାନ ସବୁବେଳେ ଜନମାନସରେ ରହିବ ବୋଲି ସେ କହିଥିଲେ। ସହକାରୀ ଶିକ୍ଷକ ଇନ୍ଦ୍ରମଣି ମଙ୍ଗରାଜ ପିଲାଙ୍କ କର୍ତ୍ତବ୍ୟ ଉପରେ ବୁଝାଇଥିଲେ। ପିଲାମାନେ ବିଭିନ୍ନ ଦେଶାତ୍ମକ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଲିମ କେନ୍ଦ୍ର କର୍ମଚାରୀ ପାର୍ବତୀ ଜାନି, ରଶ୍ମିତା ପ୍ରଧାନ, ରିଙ୍କୁରାଜ ବେହେରା, ଈଶ୍ୱର ବଞ୍ଜାରା, ରଶ୍ମିତ ଧାନଫୁଲଙ୍କ ସହିତ ଅନେକ ଅଭିଭାବକ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଆଶାକିରଣ ଅନ୍ତେବାସୀ ଓ ଅନ୍ୟମାନେ।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ପାପଡ଼ାହାଣ୍ଡି, ୨୩।୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ଲାଲ ବାହାଦୁର ହାଇସ୍କୁଲରେ ମଙ୍ଗଳବାର ଭାଷା, ସାହିତ୍ୟ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀଙ୍କ ସଭାପତିତ୍ୱରେ ମୋ ସ୍କୁଲ ପରିଚାଳନା କମିଟି ସଭାପତି ରାଜକିଶୋର ରାଓ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଗୁରୁ, ହରିଶ୍ଚନ୍ଦ୍ର ପାଣିଗ୍ରାହୀ, ବୈକୁଣ୍ଠନାଥ ମିଶ୍ର, ସିଆର୍‌ସିସି ମନୋଜ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏହି ଉତ୍ସବର ଉଦ୍ଦେଶ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। କ୍ରୀଡ଼ାଙ୍ଗନ, ଜିଜ୍ଞାସା, ସାହିତ୍ୟ ସୃଜନୀ ଓ କୌଶଳି ଆଦି ଚାରୋଟି ଗ୍ରୁପ୍‌ରେ ଛାତ୍ରୀଛାତ୍ରଙ୍କୁ ନେଇ କ୍ଲବ ଗଠନକରି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଶେଷରେ ୧୨ଟି ଦଳ ନୃତ୍ୟ ପରିବେଷଣ କରିଥିଲେ। ଖେଳ ଶିକ୍ଷକ ମନୋରଞ୍ଜନ ପ୍ରହରାଜ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।


ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଖୋଲିଲାନି ମନ୍ଦିର, ବାହାରେ ହେଲା ପୂଜାର୍ଚ୍ଚନା

## ମାଜିଷ୍ଟ୍ରେଟ୍, ପୋଲିସ ଉପସ୍ଥିତିରେ ପାଳନ ହେଲା କୋଟାଗାଁ ମଣ୍ଡେଇ

କୋଡିଙ୍ଗା, ୨୩।୧ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡିଙ୍ଗା ପଞ୍ଚାୟତର ପ୍ରସିଦ୍ଧ କୋଟାଗାଁ ପୁଷ ମଣ୍ଡେଇ ପାଳନ ନେଇ ତାରାଗାଁ ଓ କୋଟାଗାଁ ମଧ୍ୟରେ ବିବାଦ ଲାଗି ରହିଥିଲା। ୧୫ ଦିନ ହେବ ତାରାଗାଁବାସୀ ବୀର ଚାଉଁରିଆ ମନ୍ଦିରରେ ତାଲା ପକାଇ ଥିଲେ। ଏହା ସତ୍ତ୍ୱେ ପ୍ରଶାସନର ହସ୍ତକ୍ଷେପ ପରେ ମଙ୍ଗଳବାର ଜଣେ ମାଜିଷ୍ଟ୍ରେଟ୍ ଓ ପୋଲିସ ଉପସ୍ଥିତିରେ କୋଟାଗାଁ ମଣ୍ଡେଇ ପାଳିତ ହୋଇଛି। ତାରାଗାଁବାସୀ ମନ୍ଦିରରୁ ତାଲା ଖୋଲି ନ ଥିଲେ। ବାହାରେ ପୂଜାର୍ଚ୍ଚନା କରାଯାଇଛି।

ମଙ୍ଗଳବାର ଆଖପାଖ ଅଞ୍ଚଳରୁ ଶତାଧିକ ଲାଠି, କୁର୍ଚି ଓ ପାଲିଙ୍କି ଆସି ମନ୍ଦିର ଦାଣ୍ଡରେ ରୁଣ୍ଡ ହୋଇଥିଲେ। ଗ୍ରାମର ମୁଖ୍ୟ ଦେବତାଙ୍କ ଆଙ୍ଗାମାଳ ଆସିବା ପରେ ସମସ୍ତ ଦେବତାଙ୍କୁପୂଜାର୍ଚ୍ଚନା କରାଯାଇଥିଲା। ପରେ ସମସ୍ତ ଲାଠି, କୁର୍ଚ୍ଚି ଓ ପାଲିଙ୍କି ଗ୍ରାମ ପରିକ୍ରମା କରିଥଲେ। ଏଥିରେ ସ୍ଥାନୀୟ ମୁଖ୍ୟ ଦେବାଦେବୀ ମନ୍ଦିର ପୂଜାରୀ, ଶିରା ପ୍ରମୁଖ ଉପସ୍ଥିତ ରହି ପରମ୍ପରା ଅନୁଯାୟୀ ଦେବାଦେବୀଙ୍କ ପୂଜାପାଠ କରିଥିଲେ। ଏହି ମଣ୍ଡେଇ ପାଳନ ଦ୍ୱାରା ରୋଗ ବ୍ୟାଧି, ମହାମାରୀ ଦାଉରୁ ରକ୍ଷା ସହ ଫସଲ ଭଲ ହୁଏ ବୋଲି ବିଶ୍ୱାସ ରହିଛି। ମଣ୍ଡେଇ ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଧୂପଦୀପ ଫୁଲ ଓ ଫଳ ଧରି ବୀର ଚାଉଁରିଆ ନିକଟରେ ମାନସିକ ମନାସି ମନ୍ଦିର ବାହାରରୁ ହିଁ ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ଜଣ ପୋଲିସ ଅଫିସର, ଜଣେ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସୂଚନାନୁଯାୟୀ, ୨ଶହ ବର୍ଷ ଧରି ବୀର ଚାଉଁରିଆ ମନ୍ଦିରରେ କୋଟାଗାଁ ପୁଷ ମଣ୍ଡେଇ ପାଳିତ ହୋଇଆସୁଛି। ଏହାକୁ କୋଟାଗାଁ ଓ ତାରାଗାଁ ମିଶି ଆୟୋଜନ କରନ୍ତି। ଚଳିତ ବର୍ଷ ଉଭୟ ଗାଁ ଏହାକୁ ଏକାକି ଆୟୋଜନ କରିବା ନେଇ ଜିଦ୍ ଧରିଥିଲେ। ଯାହାକୁ ନେଇ ବିବାଦ ହୋଇଛି। ତାରାଗାଁବାସୀ ମନ୍ଦିରରେ ପ୍ରାୟ ୧୫ଦିନ ହେବ ତାଲା ପକାଇ ରଖିଛନ୍ତି।


ପୋଲିସ ଉପସ୍ଥିତିରେ ଲାଠି, କୁର୍ଚ୍ଚି ପରିକ୍ରମା କରୁଛନ୍ତି।

# ଜିଲା କଂଗ୍ରେସର ବିକ୍ଷୋଭ ଶୋଭାଯାତ୍ରା

ଡାବୁଗାଁ, ୨୩।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

- ଆସାମରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାକୁ ନିନ୍ଦା
- ରୋଜଗାର ଦିଅ, ନ୍ୟାୟ ଦିଅ ପୋଷ୍ଟର ଉନ୍ମୋଚନ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଜିଲା କଂଗ୍ରେସ ଓ ଜିଲା ଯୁବ କଂଗ୍ରେସ ଆନୁକୂଲ୍ୟରେ ଏକ ବିକ୍ଷୋଭ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଓ ଆରଏସ୍‌ଏସ୍ କର୍ମୀଙ୍କ ଦ୍ୱାରା ଆସାମରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାକୁ ଆକ୍ରମଣର ନିନ୍ଦା କରାଯାଇଛି। ଡାବୁଗାଁ ପଥପ୍ରାନ୍ତ ସୁବିଧା କେନ୍ଦ୍ରରୁ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ସେମାନେ ବିକ୍ଷୋଭ କରିବା ସହ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହାପରେ ନବନିଯୁକ୍ତ ଜିଲା କଂଗ୍ରେସର ସଭାପତି ଭୁଜବଳ ମାଝିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନବରଙ୍ଗପୁର ଜିଲା ଯୁବକଂଗ୍ରେସ ସଭାପତି ଡା. ଲିପିକା ମାଝିଙ୍କ ରୋଜଗାର ଦିଅ, ନ୍ୟାୟ ଦିଅ ପୋଷ୍ଟର ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ପୂର୍ବତନ ସଭାପତି ମନୋରଞ୍ଜନ ତ୍ରିପାଠୀ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଫିରୋଜ ଖାନ, ନନ୍ଦହାଣ୍ଡି ସଭାପତି ବୃନ୍ଦାବନ ତ୍ରିପାଠୀ, ତେନ୍ତୁଳିଖୁଣ୍ଟି ସଭାପତି ପ୍ରହ୍ଲାଦ ହିଆଲ, ପାପଡ଼ାହାଣ୍ଡି ସଭାପତି ଶ୍ରୀକାନ୍ତ ମିଶ୍ର, କୋଷାଗୁମୁଡ଼ା ସଭାପତି ପଦ୍ମସାଏ ମାଲି, ଡାବୁଗାଁ ସଭାପତି ଜି.ସାଇ ରାଜୁ, ଝରିଗାଁ ସଭାବତି ତମ୍ବୁନାଥ ପନକା, ପିସିସି ସଭ୍ୟ ଧରମ ସିଂ ଓ ହାରାବତୀ ଗଣ୍ଡ, ଜିଲା ସମ୍ପାଦକ ବାବି ଜେନା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଗୀତାମଣି ସମରଥ, ପୂର୍ବତନ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗାରତ୍ନା ଉପସ୍ଥିତ ଥିଲେ। ଡାବୁଗାଁ ଜୋନ୍ -୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ୍ -୨ ସଭାପତି ବଂଶୀଧର ମାଝି, ବ୍ଲକ ଉପସଭାପତି ଧର୍ମାନନ୍ଦ ନାୟକ ଓ କୃଷ ପନକା, ଘୋଡ଼ାଖୁଣ୍ଟା ସରପଞ୍ଚ ଲୀଳାଦେଇ ମାଝି, ବଡକୋଇଲାରି ସରପଞ୍ଚ ଚନ୍ଦ୍ରୀ ଭତରା ଏବଂ ଜିଲାର ସମସ୍ତ ବ୍ଲକର ଜୋନ ସଭାପତି ଓ କର୍ମୀମାନେ ଯୋଗ ଦେଇଥିଲେ।



କଂଗ୍ରେସ ନେତା ଓ କର୍ମୀମାନେ କୁଶପୁତ୍ତଳିକା ଦାହ କରୁଛନ୍ତି।

## ସଂକ୍ଷେପରେ

### 'ଜାତୀୟ ବାଳିକା ଦିବସ' ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ପଦ୍ମପୁର,୨୩।୧ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକସ୍ତରୀୟ 'ଜାତୀୟ ବାଳିକା ଦିବସ' ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ କ୍ଲଷ୍ଟର ଉଚ୍ଚ ବିଦ୍ୟାଳୟରୁ ୫ମରୁ ୧୦ମ ଶ୍ରେଣୀର କୃତୀ ଛାତ୍ରୀମାନେ ଯୋଗଦେଇଥିଲେ। ଏଥିରେ କନିଷ୍ଠ ବର୍ଗର ଭାଷଣରେ ସରକାରୀ ଉ-ଲୁମୁରୁଗୁଡ଼ାର ୫ମ ଶ୍ରେଣୀ ଛାତ୍ରୀ ସୋନାଲି ସାହୁ ୧ମ ସ୍ଥାନ, ସଙ୍ଗୀତରେ ଲକ୍ଷଣଗୁଡ଼ାର ସ.ଉ. ପ୍ରାଥମିକ ବିଦ୍ୟାଳୟ ୫ମ ଶ୍ରେଣୀ ଛାତ୍ରୀ ବିନାମି ଶବର ୧ମ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବର୍ଗ ରଚନାରେ ସ.ଉ.ପ୍ରା. ବିଦ୍ୟାଳୟର ୭ମ ଛାତ୍ରୀ ତୁଳସୀ ଶବର, ଭାଷଣ ଓ ସଙ୍ଗୀତରେ ଖମାପଦର ଉଚ୍ଚ ବିଦ୍ୟାଳୟ ୯ମ ଛାତ୍ରୀ ଅର୍ପିତା କୈବର୍ତ୍ତ ଓ ମିତା ବେହେରା ୧ମ ସ୍ଥାନ ଏବଂ ସଙ୍ଗୀତରେ ବାପୁଜୀ ଉଚ୍ଚ ବିଦ୍ୟାଳୟ ଆଖୁସିଂର ୧୦ମ ଶ୍ରେଣୀ ଛାତ୍ରୀ ପ୍ରସାଦିନୀ ମାଝି ୧ମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପି. ବିଶ୍ୱନାଥ, ମୋହନ ରାଓ ମାଲ୍ଲା, ରାଧାକୃଷ୍ଣ ପଣ୍ଡା, ରାମ ବାବୁ ବାର୍ଲା ଓ ସୁନୀଲ ଗୋରଡିଆ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ବର୍ଗରେ ବ୍ଲକସ୍ତରୀୟ କାର୍ଯ୍ୟ କ୍ରମରେ ୧ମ ସ୍ଥାନ ହାସଲ କରିଥିବା ସମସ୍ତ ଛାତ୍ରୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ୨୪ରେ ଅଂଶ ଗ୍ରହଣ କରିବେ।

### ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନ ପକ୍ଷରୁ ପ୍ରଶାନ୍ତ ସମ୍ମାନିତ



ପଦ୍ମପୁର,୨୩।୧ (ପ୍ରଶାନ୍ତ କୁମାର କର)

ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗତ ୨୨ତାରିଖରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ୧୦୦୧ ଦୀପଦାନ, ପଦଯାତ୍ରା ତଥା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ପୂର୍ବତନ ସଚିବ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସଂଗଠନ ସମ୍ପାଦକ ବଳରାମ ତରାଇ, ସଭାପତି ଚକ୍ରଧର ତ୍ରିପାଠୀ, ଉପ ସଭାପତି ତଥା ଦୂରଦର୍ଶନ କଣ୍ଠଶିଳ୍ପୀ ଜୟନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସଙ୍ଗଠନ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ପଦ୍ମପୁରର ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର କରଙ୍କୁ ସମାଜ ସେବା, ଆଧ୍ୟାତ୍ମିକତା ଓ କଳାକାର ମନୋଭାବର ଲେଖନୀ ଚାଳନା ପାଇଁ ସମ୍ମାନିତ କରାଯାଇଛି।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

ଗୁଣପୁର, ୨୩।୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏଭିଏନ୍ଏଲ୍ ଶର୍ମା, ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ୍ ଡ. ଏ.ବି ଶ୍ରୀନିବାସ ରାଓ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ୍- ୧ ଡ. ପ୍ରେମାଂଶୁ ଶେଖର ରଥ, ଡାକ୍ତର ଏସ୍.ଏସ୍. ପାଢ଼ୀ, ବର୍ଷା ଦାସ, ଗୋପାଳକୃଷ୍ଣ ମହାନ୍ତି, ପ୍ରମୋଦ ପଣ୍ଡା, ଅଧ୍ୟାପକ ବାଣୀପ୍ରସାଦ ନାୟକ, କୃଷ୍ଣପ୍ରସାଦ ଦାସ, ଜସିଲ ପଟ୍ଟନାୟକ,ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ରକ୍ତଭଣ୍ଡାରର ଡାକ୍ତର ସୁଜାତା ଦେବୀ, ଟେକ୍ନିସିଆନ ସୁରୁଚି ପାତ୍ର, ରୋଜି ନାୟକ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ଛାତ୍ରୀଛାତ୍ର ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା,ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ ପ୍ରମୁଖ ସାଧୁବାଦ ଜଣାଇଥିଲେ।

# ସରକାରୀ ସହାୟତା ନ ମିଳିଲେ ଭୋଟ ବର୍ଜନ ଚେତାବନୀ

ରାୟଗଡ଼ା,୨୩।୧ (ଆଶିଷ ରଞ୍ଜନ ପଣ୍ଡା)

- ବିକାଶଠାରୁ ଦୂରରେ ଚମ୍ପାଯୋଡ଼ି ଗ୍ରାମବାସୀ
- ଗ୍ରାମରେ ଏବେ ସୁଦ୍ଧା ପହଞ୍ଚିପାରିନି ଆବାସ ଯୋଜନା

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବକ୍ସାଇଟ ଖଣି ପାଇଁ ବିଶ୍ୱରେ ପରିଚିତ। ହେଲେ ବ୍ଲକ୍‌ର ଅନେକ ଗ୍ରାମ ଆଜିବି ଅବହେଳିତ ଅବସ୍ଥାରେ ରହିଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ଆସୁଥିଲେ ମଧ୍ୟ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତ ଅନ୍ତର୍ଗତ ଚମ୍ପାଯୋଡ଼ି ଗ୍ରାମବାସୀ। ଗ୍ରାମରେ ଏବେ ସୁଦ୍ଧା ପହଞ୍ଚିପାରିନି ବିଜୁ ପକ୍କାଘର, ମୋ କୁଡ଼ିଆ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗ୍ରାମର ଲୋକଙ୍କୁ ବାସଗୃହ ନିର୍ମାଣ ପାଇଁ ମିଳିନି ସରକାରୀ ସହାୟତା। ଗ୍ରାମବାସୀ ବହୁବାର ଜିଲାପାଳଙ୍କ ନିକଟରେ ନିବେଦନ କରିବା ସହ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ଉକ୍ତ ଅଭିଯୋଗ ପାଇବା ପରେ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇପାରିନାହିଁ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସେମାନଙ୍କୁ ପକ୍କାଘର ନିର୍ମାଣ ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଯଦି ଏହି ଦାବି ପୂରଣ ନ ହୁଏ ଆଗାମୀ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଥାଉକି, ଚମ୍ପାଯୋଡ଼ି ଗ୍ରାମରେ ପ୍ରାୟ ୨୬୦ ପରିବାର ବସବାସ କରୁଛନ୍ତି। ୨୦୧୪-୧୫ରେ ଉକ୍ତ ଗ୍ରାମର କେତେଜଣ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ ସହାୟତା ମିଳିଥିଲା। ଏହା ପରଠାରୁ କୌଣସି ଗ୍ରାମବାସୀଙ୍କୁ ଆଉ ସହାୟତା ମିଳିନାହିଁ। ଏ ନେଇ ଗ୍ରାମବାସୀ କାଶୀପୁର ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ଅଦ୍ୟାବଧି ମିଳିନାହିଁ। ବିଭିନ୍ନ ସମୟରେ ଅନୁଷ୍ଠିତ ଗ୍ରାମସଭା, ପଲ୍ଲିସଭାରେ ଗ୍ରାମବାସୀ ନିଜ ଅଭିଯୋଗ ଜଣାଇଥିଲେ ମଧ୍ୟ ଆବାସ ନିର୍ମାଣ ପାଇଁ ସରକାରୀ ସହାୟତା ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୨୦-୨୧ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ ପୂର୍ବକ ଫର୍ମ ମଧ୍ୟ ଦାଖଲ କରିଥିଲେ। ଏହାପରେ ବି କାହାରିକୁ ଖଣ୍ଡିଏ ଘର ପାଇଁ ସରକାରୀ ସହାୟତା ମିଳିଲା ନାହିଁ। ଗ୍ରାମବାସୀ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବାସ ଯୋଜନା ତାଲିକାରେ ଗ୍ରାମର ୪୭ ଜଣ ହିତାଧିକାରୀଙ୍କ ନାମ ରହିଥିଲେ ମଧ୍ୟ ସେମାନଙ୍କୁ ସହାୟତା ମିଳି ନ ଥିବା କହିଛନ୍ତି। ଏଠି ପ୍ରଶ୍ନ ଉଠୁଛି ସବୁକିଛି ଅନ୍‌ଲାଇନ ମାଧ୍ୟମରେ ହେଉଥିବା ବେଳେ କେଉଁ ପରିସ୍ଥିତିରେ ଏହି ଗ୍ରାମର ଲୋକ ବାଦ୍ ପଡ଼ିଛନ୍ତି।

ଏ ନେଇ କାଶୀପୁର ବିଡିଓ ମନୀଷା ଦାସଙ୍କୁ ପଚାରିବାରୁ କେନ୍ଦ୍ରରୁ ୩ ହଜାର ହିତାଧିକାରୀଙ୍କ ପାଇଁ ଟାର୍ଗେଟ ଆସିଥିଲା। କିନ୍ତୁ କାଶୀପୁର ବ୍ଲକ୍‌ରେ ୩୫୦୦ ଆବେଦନ ହୋଇଥିଲା। ଅଗ୍ରାଧିକାର ଭିତ୍ତିରେ ବହୁତ ହିତାଧିକାରୀ ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ପାଇଛନ୍ତି। ତେବେ ଚମ୍ପାଯୋଡି ଓ ଅନ୍ୟ କିଛି ଗ୍ରାମର ହିତାଧିକାରୀ ଏହି ସୁବିଧା ପାଇନାହାନ୍ତି। ମୋ ଘର ଯୋଜନାରେ ଅନଲାଇନ୍ ଆବେଦନ ପାଇଁ ଚମ୍ପାଯୋଡି ଗ୍ରାମବାସୀଙ୍କୁ କୁହାଯାଇଛି। ସେମାନେ ଆବେଦନ କରିବା ପରେ ଯାଞ୍ଚ କରାଯାଇ ସୁବିଧା ଯୋଗାଇ ଦିଆଯିବ ବୋଲି ବିଡିଓ ଦାସ କହିଛନ୍ତି।

# ଅମ୍ବାଦଳାରେ ନେତାଜୀ ଜୟନ୍ତୀ



ଅମ୍ବାଦଳା,୨୩।୧ (ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳା ସହରସ୍ଥିତ ନେତାଜୀ କ୍ଲବରେ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଓ ମୁନିଗୁଡା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ଼ୁକା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ଜଗନାଥ ପ୍ରସାଦ, ଜି ମୁରଲି ମୋହନ, ଦେବୀ ପ୍ରସାଦ ମୁଖାର୍ଜୀ, କ୍ଲବର ସଭାପତି କେ. ଶ୍ରୀନିବାସ ରାଓ ଯୋଗଦେଇଥିଲେ। ନେତାଜୀଙ୍କ ଭଳି ସମସ୍ତେ ସଂଗ୍ରାମୀ ଭାବେ ସମାଜରେ ସେବା କରିବା ପାଇଁ ମନ୍ତ୍ରୀ ସାରକା ଉପସ୍ଥିତ କ୍ଲବର ସମସ୍ତ ସଦସ୍ୟଙ୍କୁ ଆହ୍ୱାନ କରିଥିଲେ। କ୍ଲବର ଉନ୍ନତି ଦିଗରେ ସାହାଯ୍ୟ କରିବା ପାଇଁ ମନ୍ତ୍ରୀଙ୍କୁ କ୍ଲବ୍ ସଭାପତି ଓ ସଦସ୍ୟମାନେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କେ. ରବି କୁମାର, ଶିବ ବେହେରା, କେ. ମନୋଜ, ଭି. ଫକୀର ରାଜୁ, ଦୈତାରି ନାୟକ, କେଦାର ରଣା, ପ୍ରକାଶ କାଡ୍ରାକା ସୁରତ, ମାନସ ଦୀପଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ।

# ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ପ୍ରତିଯୋଗିତା



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ।

ରାୟଗଡ଼ା,୨୩।୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ପରୀକ୍ଷା ପେ ଚର୍ଚ୍ଚା ଅନ୍ତର୍ଗତ ବିଭିନ୍ନ ଥିମ୍‌କୁ ନେଇ ଆନ୍ତଃ ସ୍କୁଲ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଚନ୍ଦ୍ରଯାନ, ଆଦିତ୍ୟ ଏଲ୍‌୧, ଏଗଜାମ୍ ୱାରିୟର ଆଦି ଶୀର୍ଷକ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ରାୟଗଡ଼ା ଜିଲାର ୧୭ଟି ବିଦ୍ୟାଳୟରୁ ୧୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ ଦାସ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ଲ୍ୟୁଟ୍‌ନାଣ୍ଟ ଅର୍ଚ୍ଚନା ପଟ୍ଟନାୟକ, କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଅଧ୍ୟକ୍ଷ ରାଜା ରାମ୍ ଓ ବରିଷ୍ଠ ଶିକ୍ଷକ ଡ.ରମେଶ କୁମାର ସାହୁ ଉପସ୍ଥିତ ଥିଲେ। ଜୟନ୍ତ କୁମାର ଜେନା, ଝୁନୁରାଣୀ ମହାପାତ୍ର ଓ ଅର୍ଚ୍ଚନା ପଟ୍ଟନାୟକ ବିଚାରକ ମଣ୍ଡଳୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ କୃତୀ ୫ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଏଗଜାମ୍ ୱାରିୟର ପୁସ୍ତକ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କଳା ଶିକ୍ଷକ ଅଶ୍ୱିନ ଲାଞ୍ଜେୱର ସୁଚାରୁ ରୂପେ ସମ୍ପାଦନ କରିଥିଲେ।

### ନେତାଜୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୁଣପୁର, ୨୩।୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଅଧିନ ଚିନାସାରି ନେତାଜୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସହିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଭ୍ରାଞ୍ଜଳୀ ପ୍ରଧାନ, ଏବିଇଓ ଲକ୍ଷ୍ମୀ ବେହେରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ସମାଜ ସେବୀ ପ୍ରଦୀପ ଦାଶ ଉପସ୍ଥିତ ଥିଲେ। ୧୯୯୮ରୁ ପ୍ରତିଷ୍ଠିତ ଏହି ଉଚ୍ଚ ବିଦ୍ୟାଳୟକୁ ଗତ ବର୍ଷ ୫-ଟିରେ ସାମିଲ କରାଯାଇଥିବା ପ୍ରଧାନ ଶିକ୍ଷକ ଇନ୍ଦିରା ମହାପାତ୍ର ସୂଚନା ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆବାସିକ ଛାତ୍ରଙ୍କୁ ସୁଇଟର ଓ ଡ୍ରେସ ବଣ୍ଟନ କରାଯାଇଥିଲା। ଶିକ୍ଷକ ଉମା ଶଙ୍କର ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଘାସିରାମ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଙ୍କୁ ଡ଼ ପ୍ରଶାନ୍ତ ହୋତା, ଦୁର୍ଗା ପ୍ରସାଦ କର, ବିନାୟକ ଷଡ଼ଙ୍ଗୀ, ଶୁଭ୍ରାଂଶୁ ସାମନ୍ତରାୟ, ଇନ୍ଦ୍ରଜିତ୍ ପଣ୍ଡା, ରାଜେଶ ପାଢ଼ୀ, ସାମାଜିକ କର୍ମୀ ରାଜେଶ୍ୱରୀ ଦଳେଇଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୋଟିଗୁଡ଼ା, ଆରସକାନୀ ବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ବୋଧନ ଦେଉଛନ୍ତି।

ବିଷମ କଟକ,୨୩।୧ (ବିଭୂତି ଭୂଷଣ ନାୟକ)

ବିଷମକଟକ ବ୍ଲକ ଅନ୍ତର୍ଗତ ଗୋଟିଗୁଡା ଏବଂ ଆରସକାନୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆରସକାନୀ ଉଚ୍ଚ ବିଦ୍ୟାଳୟ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନମନ୍ତ୍ରୀ ଜଗନାଥ ସାରକା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ, ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଚାଟିକୋଣ ସରପଞ୍ଚ ପି.କିରଣ ଲତା, ରାୟଗଡ଼ା ଜିଲା ଜୋନ୍ ଶ୍ୟାମଘନ ଭୂୟାଁ, ରାଜୁ ମେଲେକା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଗଡିଗୁଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମନ୍ତ୍ରୀ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁମଣି ଶବର ମଞ୍ଚରେ ଶିକ୍ଷକ ତ୍ରିପତି ହିକକା ମଞ୍ଚ ପରିଚାଳନା କରିଥିଲେ।

# ଜନଜାତି ସଂସ୍କୃତିର ପୁନରୁଦ୍ଧାର ପାଇଁ ସରକାରଙ୍କ ପ୍ରୟାସ

ଚନ୍ଦ୍ରପୁର,୨୩।୧ (ବିଜୟ ପ୍ରସାଦ ଉଲାକା)

## ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ ଯୋଗଦେଇଥିବା ଜନଜାତି କଳାକାରମାନେ।

ରାୟଗଡ଼ା ଜିଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ପରିସରରେ ମଙ୍ଗଳାର ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି,ପଞ୍ଚାୟତ ସମିତି ଅଧ୍ୟକ୍ଷ କୋଇନ କିମ୍ବାକା, ଜିଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ସ୍ୱତନ୍ତ୍ର ଉନ୍ନୟନ ସଭ୍ୟ ଧାନୁମାଝି କୁମୁରୁକା, ଗୁଣପୁର ପିଏଆଇଟିଡିଏ ଶାନ୍ତିପ୍ରଭା ପ୍ରଧାନ,ଚନ୍ଦ୍ରପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜନଜାତି ସମ୍ପ୍ରଦାୟ ପାଇଁ ରାଜ୍ୟ ସରକାର ବହୁ ଉନ୍ନୟନ କାର୍ଯ୍ୟ ଜାରି ରଖିଛନ୍ତି। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ସହ ଜନଜାତି ସଂସ୍କୃତିର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ବିଧାୟକ ଗମାଙ୍ଗ କହିଛନ୍ତି। ଜନଜାତିର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ମୁଖ୍ୟମନ୍ତ୍ରୀ ୨୩ଟି ଜିଲାରେ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଚାର ଆରମ୍ଭ କରଥିବା ଅନସୂୟା ମାଝି କହିଥିଲେ। ଜନଜାତି କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳାକାର ଗ୍ରୁପ୍‌ଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୮ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ପିଇଓ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଯନ୍ତ୍ରୀ ଦୁଷ୍ମନ୍ତ, ଏମ୍‌ଆଇ ମାନସ ଜେନା କିର୍ସାନୀ, ଜିପିଓ କାଳୀପ୍ରାସାଦ ରଥ ଓ ବ୍ଲକର ସମସ୍ତ କର୍ମଚାରୀ ସହାୟତା କରିଥିଲେ।

# ବଡ଼ନାଳ ଜଳସେଚନ ପ୍ରକଳ୍ପରେ ପାଣି ପଞ୍ଚାୟତ ପକ୍ଷ

ପଦ୍ମପୁର, ୨୩।୧ (ପ୍ରଶାନ୍ତ କୁମାର କର)



ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ରାୟଗଡ଼ା ଜିଲାର ପଦ୍ମପୁର ବଡନାଳ ଜଳସେଚନ ପ୍ରକଳ୍ପ ମଙ୍ଗଳା ମନ୍ଦିରଠାରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ହରଭଙ୍ଗୀ ଜଳସେଚନ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ହରଭଙ୍ଗୀ ଜଳସେଚନ ବିଭାଜନ (ଅଡବା)ର ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଂଶଧାରା ନାଗାବଳୀ ବେସିନ ପାରଳାଖେମୁଣ୍ଡି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନଗେନ୍ଦ୍ର ମହାରଣା, ପଦ୍ମପୁର ବିଡିଓ ସୁଜିତ କୁମାର ମିଶ୍ର, ବଡନାଳ ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ରାଉତ, ଟେମ୍ପାଗୁଡା ସରପଞ୍ଚ ସିଦ୍ଧେଶ୍ୱରୀ ଶବର, ପଦ୍ମପୁର ବ୍ଲକ୍ ଖ ଜୋନ୍ ଜିଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ହରଭଙ୍ଗୀ କନିଷ୍ଠ ଯନ୍ତ୍ରୀ (ଅଡ଼ବା) ନିରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ଏଲ୍. ମୁରଲୀ କ୍ରିଷ୍ଣା, କନିଷ୍ଠ ଯନ୍ତ୍ରୀ ମହମ୍ମଦ ଉସମାନ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପଦ୍ମପୁର ବଡନାଳ ଜଳସେଚନ ପ୍ରକଳ୍ପର ୨୧ଟି ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ ବହୁ ଚାଷୀ ଯୋଗଦେଇଥିଲେ। ପ୍ରଥମେ ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା।

କୋଟ୍ରାଧର ନଦୀ ବା ସନ ନଦୀକୁ ବଡନାଳ ସହ ସଂଯୋଗକଲେ ବହୁ ଚାଷୀ ଉପକୃତ ହୋଇପାରିବେ ବୋଲି ଚାଷୀମାନେ କହିଥିଲେ। ସେହିପରି ଡ୍ୟାମ୍‌ରେ ବନ୍ୟା ଜଳ ଆସିଲେ କେନାଲରେ ମାଟି ଓ ପଙ୍କ ଜମୁଥିବାରୁ ତାହା ଉପରେ ସର୍ଭେ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଖରିଫ ଓ ରବି ଋତୁରେ ଚାଷୀଙ୍କୁ କିଭଳି ଠିକ୍ ଭାବେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ଓ ଚାଷୀମାନଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆମକୁ ଅବଗତ କଲେ ଖୁବ୍‌ଶୀଘ୍ର ସମାଧାନ କରିବାକୁ ପଦକ୍ଷେପ ନିଆଯିବ ବୋଲି ବଂଶଧାରା ନାଗାବଳୀ ବେସିନ ପାରଳାଖେମୁଣ୍ଡି ଯନ୍ତ୍ରୀ ନଗେନ୍ଦ୍ର ମହାରଣା କହିଥିଲେ। ପଦ୍ମପୁର ସହର ଦେଇ ପ୍ରବାହିତ ହେଉଥିବା ସୁନାରି ଘାଇ କେନାଲ ବ୍ଲକର ଅର୍ଥ ବିନିଯୋଗ ସତ୍ତ୍ୱେ ଅପରିଷ୍କାର ରହୁଥିବା ଯୋଗୁ ଜଳସେଚନ ବିଭାଗ ହାତକୁ ନେଇ ଆବଶ୍ୟକ ଅର୍ଥ ବିନିଯୋଗ କରି ଆଦର୍ଶ ଘାଇ କଲେ ଲୋକେ ଉପକୃତ ହେବେ ବୋଲି ପଦ୍ମପୁର ବିଡିଓ ସୁଜିତ ମିଶ୍ର କହିଥିଲେ। ସେହିପରି ବଡନାଳ ଜଳସେଚନ ପ୍ରକଳ୍ପଠାରେ ପୁରାତନ ପାର୍କକୁ ବ୍ଲକ୍ ସମିତି ପକ୍ଷରୁ ଅର୍ଥ ବିନିଯୋଗକରି ନୂତନ ପାର୍କ କରିବା ପାଇଁ ଏବଂ ସେଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ ପାଇଁ ଚାଷୀମାନେ କହିଥିଲେ। ଉକ୍ତ ସମାରୋହରେ ଚାଷୀ ଦୁର୍ଗା ସାହୁ, ରାଜୀବଲୋଚନ ସାହୁ, ସରଦ ମହାପାତ୍ର, ଅଭିମନ୍ୟୁ ଶର, ସୋମନାଥ ଗମାଙ୍ଗ, କିଶୋର ଶବର, ରଘୁମଣି ଗମାଙ୍ଗ, ରଘୁ ମିଶ୍ର, ବାବୁନି ମିଶ୍ର, ନାଗଭୂଷଣ ପଟ୍ଟନାୟକଙ୍କ ସହ ବହୁ ଚାଷୀ ଯୋଗ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ଜନନାୟକ ନେତାଜୀ

ରାୟଗଡ଼ା,୨୩।୧ (ଆଶିଷ ରଞ୍ଜନ ପଣ୍ଡା)

## ସୁଭାଷ ବୋଷଙ୍କ ଜୟନ୍ତୀ, ଆଜାଦ ହିନ୍ଦ୍ ଆସୋସିଏଶନର ବାର୍ଷିକୋତ୍ସବ



ମୁଖ୍ୟ ଅତିଥି ଏନ୍.ଭାସ୍କର ରାଓଙ୍କ ସହ ଉପସ୍ଥିତ ଅନ୍ୟ ଅତିଥିମାନେ।

ରାୟଗଡ଼ାସ୍ଥିତ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏଶନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ଏବଂ ଆସୋସିଏଶନର ୩୪ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଆଜାଦ ହିନ୍ଦ୍ ଆସୋସିଏସନ ସମ୍ପାଦକ ବିନାୟକ କରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବ୍ୟକ୍ତିତ୍ୱ ଓ ସ୍ୱାଧୀନତା ପାଇଁ ତାଙ୍କର ବଳିଦାନ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ଜନନାୟକ ନେତାଜୀ ଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ଏନ୍.ଭାସ୍କରରାଓ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସମସ୍ତ ଅତିଥି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ନେତାଜୀଙ୍କ ଆତ୍ମଜୀବନ ଓ ତାଙ୍କ ସାହସିକତା ତଥା ବିଚକ୍ଷଣ ବୁଦ୍ଧି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସୁଭାଷ ଚନ୍ଦ୍ର ବୋଷଙ୍କ ନୀତି ଓ ଆଦର୍ଶ ଅନୁସରଣକଲେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି ଦୁଷ୍ମନ୍ତ ମହାନ୍ତି ପରାମର୍ଶ ଦେଇଥିଲେ। ଏହାପରେ ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ, ରାୟଗଡ଼ା କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ଗନ୍ତାୟତ, ବିଜୁ ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ଆଇନଜୀବୀ ପ୍ରଣତି ପାତ୍ର, ସୁଶାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନେତାଜୀ ଜୟନ୍ତୀ ଓ କ୍ଲବର ବାର୍ଷିକ ଉତ୍ସବ ଅବସରରେ ସ୍ୱତନ୍ତ୍ର କବିତା ଅଧିବେଶନ ପୁନରୁକ୍ତି ଉପରେ ସାହିତ୍ୟିକମାନଙ୍କ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରକୁ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଉଦ୍‌ଘାଟନ କରିଥିଲେ। ଏଥିରେ ସାହିତ୍ୟିକମାନେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଗୀତ ଗୁଞ୍ଜନ ଓ ମ୍ୟୁଜିକ ଗାଲାକ୍ସି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ବହୁ ସହରବାସୀ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ରେଡ୍ଡି, କୋଷାଧ୍ୟକ୍ଷ ମିହିର ପଣ୍ଡା, ଶ୍ରୀକାନ୍ତ ଚୌଧୁରୀ, ବ୍ୟୋମକେଶ ମହାନ୍ତି ଓ ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

**ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
| --- | --- |
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक–इन–इन्टरव्यू**

भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल-II** पद की भर्ती हेतु **दिनांक 05.02.2024 को पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **05.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II,** at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: **http://www.cifa.nic.in.** मुख्य जाँचकर्ता / **Principal Investigator**

**ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ତାଲିମ**

ଲମତାପୁଟ,(ଭକ୍ତରାମ ବାଙ୍କିଆ): ଲମତାପୁଟ ବ୍ଲକର ଲମତାପୁଟ ଓ ତୁଷୁବା ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଭ୍ୟାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ସରକାର ଏମ୍‌ଏସ୍‌ପିୱାଇ ଯୋଜନାରେ ପ୍ରତିମାସରେ ପୌଷ୍ଟିକ ଖାଦ୍ୟ ରୂପେ ରାଶି ଲଡୁ, ଖଜରା, ଭଜା ଚଣା ଓ ମୁଢ଼ି ଏବଂ କିଶୋରୀ ବାଳିକାଙ୍କୁ ଅଣ୍ଡା ଯୋଗାଇ ଦେଉଛନ୍ତି। ଏଗୁଡିକୁ ଅଙ୍ଗନୱାଡି କର୍ମୀ ବଣ୍ଟନ କରୁଛନ୍ତି। ଏହାକୁ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାମାନେ ଯେପରି ଠିକ୍ ସମୟରେ ପାଇବେ ସେ ଉପରେ ସଭ୍ୟାଙ୍କୁ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ପାତ୍ର ତାଲିମ ଦେଇଥିଲେ।

## କୋଟିଆର ସବୁ ସୀମାନ୍ତ ଗ୍ରାମରେ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି

**ପଟ୍ଟାଙ୍ଗି,୨୩।୧(ଶରତ ଧଳ)**

ସୀମାନ୍ତ ଗ୍ରାମଗୁଡିକରେ କିପରି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ସେନେଇ ଜିଲା ଓ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ କିପରି ସୀମାନ୍ତ ଗ୍ରାମଗୁଡିକରେ ପାଳନ ହେବ ସେନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ହୋଇଥିବା ବୈଠକରେ ସୀମାନ୍ତ ଗ୍ରାମ ଓ ପଞ୍ଚାୟତଗଡ଼ିକରେ ସୁରୁଖୁରୁରେ ଏହି ଦିବସ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକର ବିଭିନ୍ନ ବିଭାଗର କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରୁ ୨୮ ଜଣଙ୍କୁ ୨୮ଟି ସୀମାନ୍ତ ଗ୍ରାମ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ପାଳନକରି ଗ୍ରାମବାସୀଙ୍କୁ ଉକ୍ତ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ତହସିଲଦାର, ବ୍ଲକ ଶିକ୍ଷା ଅଧିକାରୀ, ଶିଶୁ ବିକାଶ ଅଧିକାରୀ ଓ ଜିପିଓଙ୍କୁ କାର୍ଯ୍ୟକ୍ରମ ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ଦେଶ ସ୍ୱାଧୀନତାରେ ନେତାଜୀଙ୍କ ବଳିଷ୍ଠ ଅବଦାନ ରହିଛି

**କୋରାପୁଟ/ଜୟପୁର,୨୩।୧ (ଅମିତାଭ ବେହେରା/ ପବନ ପାଣିଗ୍ରାହୀ)**


ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ଅତିଥି।

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ମାଉସୀମା ଛକଠାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳେ ମାଉସୀମା ମନ୍ଦିର ଛକଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ନେତାଜୀଙ୍କ ଦେଶର ସ୍ୱାଧୀନତାରେ ତାଙ୍କର ବଳିଷ୍ଠ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଡିଓ ଦେବାଶିଷ ଗୌଡ଼ା, ଭାଜପା ନେତ୍ରୀ ପୂର୍ଣ୍ଣିମା ନାୟକ, ବିଜୟ ମିଶ୍ର, ଭାଗୀରଥି ପାଟ୍ଟନିଆ, ସ୍ମାରକୀ କମିଟିର ରମାନାଥ ଶର୍ମା, ଆଇନଜୀବୀ କାମାକ୍ଷୀପ୍ରସାଦ ମାଝି, ରୂପକ ତୁରୁକ, ଅଧ୍ୟାପକ ରବି ଶତପଥୀ, ସୀମାଞ୍ଚଳ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସ୍ୱାଧୀନତା ସଂଗ୍ରାମୀ ଇନ୍ଦିରା ଲକ୍ଷ୍ମୀ ପଣ୍ଡା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମଧ୍ୟ ସ୍ଥାନୀୟ ଇନ୍ଦିରା ଲକ୍ଷ୍ମୀ ପଣ୍ଡା କାର୍ଯ୍ୟାଳୟଠାରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ୧୮୯୭ ଜାନୁଆରୀ ୨୩ରେ କଟକ ବଡ଼ବଜାରରେ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ବୋଷ ଜନ୍ମ ଗ୍ରହଣ କରିଥିଲେ। ଇନ୍ଦିରା ଲକ୍ଷ୍ମୀ ପଣ୍ଡା ମାତ୍ର ୧୪ ବର୍ଷ ବୟସରୁ ସେ ବାଳିକା ବାଳକ ସେନାରେ ଯୋଗଦେଇଥିଲେ। ପରେ ସେ ଇଣ୍ଡିଆନ ନ୍ୟାଶନାଲ୍ ଆର୍ମିରେ ଯୋଗଦେଇ କିଛିଦିନ ପରେ ସେ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜ୍‌ରେ ଯୋଗଦେଇଥିଲେ। ରାଣୀ ଝାନ୍‌ସୀ ରେଜିମେଣ୍ଟର କ୍ୟାପ୍‌ଟେନ ଲକ୍ଷ୍ମୀ ସେହେଗଲ୍ ଏବଂ ଲକ୍ଷ୍ମୀ ପଣ୍ଡାଙ୍କ ନାମକୁ ନେଇ ଦ୍ୱନ୍ଦ୍ୱ ହେବାରୁ ସୁଭାଷ ବୋଷ ଲକ୍ଷ୍ମୀ ପଣ୍ଡାଙ୍କୁ ଇନ୍ଦିରା ବୋଲି ନାମ ଦେଇଥିଲେ। ଫଳରେ ସେବେଠାରୁ ଲକ୍ଷ୍ମୀ ପଣ୍ଡା ବଦଳରେ ଇନ୍ଦିରା ଲକ୍ଷ୍ମୀ ପଣ୍ଡା ରୂପେ ପରିଚିତ ହୋଇଥିଲେ। ଦେଶର ସ୍ୱାଧୀନତା ପାଇଁ ଦେଶର ବିଭିନ୍ନ ସ୍ଥାନରେ ଇନ୍ଦିରା ଲକ୍ଷ୍ମୀ ପଣ୍ଡା ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରିଥିଲେ। ୮୨ ବର୍ଷ ବୟସରେ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଅକ୍ଟୋବର ୬ ତାରିଖ ୨୦୦୮ରେ ତାଙ୍କ ପରଲୋକ ହୋଇଥିଲା। ତାଙ୍କ ନାମରେ ୨୦୦୯ରେ ଇନ୍ଦିରା ଲକ୍ଷ୍ମୀ ପଣ୍ଡା ମେମୋରିଆଲ ଟ୍ରଷ୍ଟ ସ୍ଥାପନ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଡାଇରେକ୍ଟର ତଥା ଚେୟାରମେନ ଅଧକ୍ଷ ଶୁଭାଶିଷ ନାୟକ,ଉପାଧ୍ୟକ୍ଷ ପ୍ରବୀଣରାଜ ପାତ୍ର, ସାଧାରଣ ସମ୍ପାଦକ ଡେଭିଡ ଦୀନବନ୍ଧୁ, କୋଷାଧ୍ୟକ୍ଷ ଟିଙ୍କି କୁମାରୀ ସୁନା, ଅନିତା କଟିଆ, ମନିତା ନାୟକ, ଜୟନ୍ତୀ ବିଷୋୟୀ, ଯୋଗେନ୍ଦ୍ର ସିଂ, ପିଙ୍କି ହରିଜନ,ନମିତା ଖରା ସୁଶୀଳା ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମ ଭିତରକୁ ପଶି ଆସିଥିବା ଚିତ୍ରା ହରିଣର ମୃତ୍ୟୁ

**ବୈପାରିଗୁଡ଼ା,୨୩।୧ (କଳ୍ପତରୁ ମହାନ୍ତି)**



ଗ୍ରାମ ଭିତରକୁ ପଶି ଆସିଥିବା ଏକ ଚିତ୍ରା ହରିଣର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ସ୍ଥାନୀୟ ବନ ବିଭାଗ ତନାଘନା ଆରମ୍ଭ କରିଛି। ଖବରରୁ ଜଣାପଡ଼ିଛି, ମଙ୍ଗଳବାର ପୂର୍ବାହ୍ନରେ ବୈପାରିଗୁଡ଼ା ନିକଟସ୍ଥ ଗୁଣ୍ଡାଗୁଡ଼ା ଗ୍ରାମରେ କେତେଜଣ ଲୋକ ଏକ ହରିଣକୁ ଆହତ ଅବସ୍ଥାରେ ଉଦ୍ଧାର କରିଥିବା ନେଇ ବନ ବିଭାଗ କର୍ମଚାରୀଙ୍କ ନିକଟରେ ଖବର ପହଞ୍ଚିଥିଲା। କର୍ମଚାରୀମାନେ ସେଠାକୁ ଯାଇ ଆହତ ହରିଣକୁ ଉଦ୍ଧାରକରି ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ତେବେ ସମ୍ପ୍ରତି ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନରେ ସାମିଲଥିବାରୁ ଜଣେ ତଳିଆ କର୍ମଚାରୀଙ୍କ ସହାୟତାରେ ହରିଣଟିର ଚିକିତ୍ସା କରାଯାଇଥିଲା। ମାତ୍ର କିଛି ସମୟ ପରେ ହରିଣଟିର ମୃତ୍ୟୁ ହୋଇଥିଲା। ବନାଞ୍ଚଳ ଅଧିକାରୀ ସନ୍ଦିପ ପାଣିଗ୍ରାହୀ କହନ୍ତି, ହରିଣର ବୟସ ପ୍ରାୟ ୪ ବର୍ଷ ହେବ। ତେବେ ବ୍ୟବଚ୍ଛେଦ ପରେ ହରିଣଟିର ହୃଦ୍‌ଘାତ କାରଣରୁ ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତ ହରିଣକୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ କହନ୍ତି, ହରିଣଟି ପାହାଡ଼ ତଳେ ଥିବା ଏକ ପୋଖରୀକୁ ପାଣି ପିଇବାକୁ ଆସି ଜଙ୍ଗଲକୁ ଫେରିବା ବଦଳରେ ଗୁଣ୍ଡାଗୁଡା ଗ୍ରାମ ଭିତରକୁ ପଶିଯାଇଥିଲା। ଲୋକେ ତାକୁ ଜଙ୍ଗଲମୁହାଁ କରିବା ପାଇଁ ପଛପଟୁ ଘଉଡ଼ାଇବା ବେଳେ ହରିଣଟି ତଳେ ପଡ଼ିଯାଇଥିଲା। ଅନ୍ୟପକ୍ଷରେ ଏକ ଭିଡିଓରେ ହରିଣର ବେକ ଓ ଗୋଡ଼ ବନ୍ଧାଯାଇଥିବା ବେଳେ ସେଥିରୁ ମୁକୁଳିବା ପାଇଁ ସେ କୁଦାମାରି ତଳେ ପଡୁଥିବା ଦେଖିବାକୁ ମିଳୁଛି। ଏଥିରୁ ହରିଣର ମୃତ୍ୟୁ ପଛରେ ଶିକାର କରିବା ଉଦ୍ଦେଶ୍ୟ ଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି। ଏହାର ସବୁ ଦିଗରୁ ତଦନ୍ତ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ପାଣିଗ୍ରାହୀ କହିଛନ୍ତି।

## ଜିଲା ଅମଲା ସଂଘ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ବୈଠକ



ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

**କୋରାପୁଟ, ୨୩।୧(ଅମିତାଭ ବେହେରା)**

କୋରାପୁଟସ୍ଥିତ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ଜଳ ସମ୍ପଦ, ଅର୍ଥ, ବନ, କୃଷି, ଜତୀୟ ରାଜପଥ ଏବଂ ରାଜସ୍ୱ ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲା ଅମଲା ସଂଘ ସଭାପତି ନିତ୍ୟାନନ୍ଦ ଭତ୍ରା ଅଧ୍ୟକ୍ଷତା କରିଥିଲେ। ଅମଲା ସଂଘକୁ ଶୀର୍ଷରେ ପହଞ୍ଚାଇବା ନେଇ ସଦସ୍ୟମାନେ ନିଜ ମତ ରଖି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଉପଦେଷ୍ଟା ପ୍ରସନ୍ନ ନାୟକ, ଅନୀଲ ନୟନ ପାତ୍ର ଏବଂ ଅନୁପମ ମହାରଣା ସଂଘକୁ ମଜଭୁତ କରିବା ସହ ଅମଲାଙ୍କ ସୁଖ ସର୍ବାଙ୍ଗୀନ ଉନ୍ନତି ପାଇଁ ବଦ୍ଧପରିକର ହେବା ଉଚିତ ପରାମର୍ଶ ଦେଇଥିଲେ। ସଂଘ ସମ୍ପାଦକ ମନୋଜ ବାରିକ ସ୍ୱାଗତ ସୂଚନା ଦେଇଥିଲେ। ବୈଠକରେ ଅମଲା ସଂଘର ବିଭିନ୍ନ ସମସ୍ୟାର ସମାଧାନ ଏବଂ ଅମଲା କୁଟୀରର ପୁନରୁଦ୍ଧାର ନବୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘର ଏହି ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ ଅମଲା କୁଟୀରର ସମସ୍ତ ବକେୟା ରାଶି ସଂଗ୍ରହ ଏବଂ ଖର୍ଚ୍ଚର ବିବରଣୀ ପ୍ରଦାନ କରିଥିଲେ।

## କୁଣ୍ଡା ବୋଝେଇ ଗାଡ଼ିରୁ ୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଅଟକ

**ମାଲକାନଗିର/କାଲିମେଳା, ୨୩।୧ (ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ)**


ଜବତ ଗଞ୍ଜେଇ।

ମାଲକାନଗିରି ଜିଲା କାଲିମେଳା ପୋଲିସ ଏକ କୁଣ୍ଡା ବୋଝେଇ ଗାଡିରୁ ୬୩୧ କି.ଗ୍ରା. ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ଖବର ପାଇ କାଲିମେଳା ପୋଲିସ ୩୨୬ ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ କରିବା ସହ ସମସ୍ତ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଗୋଟିଏ କୁଣ୍ଡା ଓ ତସୁ ବୋଝେଇ ଗାଡି ଦ୍ରୁତଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଗାଡ଼ି ପଛପଟ ଡାଲା ସ୍ୱତନ୍ତ୍ର କ୍ୟାବିନ ତିଆରି କରି ଏହା ଭିତରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ସମସ୍ତ ଗଞ୍ଜେଇକୁ ବାହାରକଲା ପରେ ଏହାର ଓଜନ ୬୩୧ କିଲୋ ଥିଲା। ଏହାକୁ ପ୍ୟାକେଟ କରାଯାଇ ଚାମ୍ପର ଭିତରେ ଲୁଚାଇ ରଖାଯାଇ ଉପରେ କୁଣ୍ଡା ବସ୍ତା ରହିଥିଲା। ଏହା ହାଇଦ୍ରାବାଦକୁ ଚାଲାଣ କରାଯାଉଥିଲା। ଘଟଣାରେ କାଲିମେଳା ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି।

## ୨ ସ୍ଥାନରେ ନେତାଜୀ ଜୟନ୍ତୀ

ନନ୍ଦପୁର, ୨୩।୧ ଶଙ୍କର ପୂଜାରୀ): ନନ୍ଦପୁର ବ୍ଲକରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ସମେତ ବ୍ଲକ ସଦର ମହକୁମା ଓ କୁଲାବିର ପଞ୍ଚାୟତ କାର୍ଯ୍ୟାଳୟଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ନେତାଜୀଙ୍କ ସମେତ ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରେମ ସମ୍ପର୍କରେ ବୁଝାଇଥିଲେ। ବ୍ଲକ ସଦର ମହକୁମାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗୀ, ନାଏବ ସରପଞ୍ଚ, ପିଇଓ କମଲରାଓ ସ୍ମିଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କୁଲାବିରରେ ସାମାଜିକ କର୍ମୀ ଶଶୀ ପଟ୍ଟନାୟକ, ରଘୁନାଥ ଶିସା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଇଁ ପରେଡ୍ ଅଭ୍ୟାସ

**ଜୟପୁର, ୨୩।୧(ପବନ ପାଣିଗ୍ରାହୀ)**

ଜୟପୁର ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଆରମ୍ଭ ହୋଇଥିବା ପରେଡ୍ ଅଭ୍ୟାସ ମଙ୍ଗଳବାର ଦଶହରା ପଡ଼ିଆରେ ଅଭ୍ୟାସ କରାଯାଇଛି। ଏହି ପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ ହେବ। ପରେଡ୍ ଅଭ୍ୟାସରେ ଜୟପୁର ସହରରେ ଥିବା ସ୍କୁଲ କଲେଜର ଏନ୍‌ସିସି, ସ୍କାଉଟ ଛାତ୍ରୀଛାତ୍ରଙ୍କ ସହ ଗାଇଡ, ରେଡ୍‌କ୍ରସ୍, ସାଦା ପୋଷାକଧାରୀ ଆଦି ୪୨ଟି ଗ୍ରୁପ୍ ଅଭ୍ୟାସ କରିଥିଲେ। ଏନେଇ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଏସ୍‌ଡିପିଆରଓ ଦାୟିତ୍ୱରେ ଥିବା ଏବିଡିଓ ମନୋଜ ନାୟକ ପ୍ରକାଶ କରିଛନ୍ତି।


ଦଶହରା ପଡ଼ିଆଠାରେ ଚାଲିଥିବା ପରେଡ୍ ଅଭ୍ୟାସ।

## ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

**ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ**


ଜୟପୁରରେ ଅତିଥି ସୁଭାଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

**ଜୟପୁର/ନନ୍ଦପୁର/ବୈପାରିଗୁଡା, ୨୩।୧(ପବନ ପାଣିଗ୍ରାହୀ/ ଶଙ୍କର ପୂଜାରୀ/କଳ୍ପତରୁ ମହାନ୍ତି)**

ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପୌରପାଳିକା ତରଫରୁ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଜୟନଗର ନେତାଜୀ ପାର୍କରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଓ ଏମ୍‌ଜି ରୋଡ୍‌ରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟଙ୍କ ସହ କାଉନସିଲର ଗୋପୀନାଥ ମହାନ୍ତି, ପି.ରାଜଲକ୍ଷ୍ମୀ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ କରିଥିଲେ। ସେହିପରି କୋରାପୁଟ ଜିଲା ସିପିଆଇ ପକ୍ଷରୁ ମଧ୍ୟ ଶ୍ରମିକ କର୍ମଚାରୀ ଭବନଠାରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର, ନନ୍ଦ ହରିଜନ, ଭୁବନ କମାର, ଗୌରୀ ନାୟକ, ଲିଙ୍ଗରାଜ କମାର, ସୁମନ ବିଷୋୟୀ, ଈଶ୍ୱର ନାୟକ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନନ୍ଦପୁର ବ୍ଲକର ଥିବା ନେତାଜୀ ଉଚ୍ଚ ବିଦ୍ୟାଳୟରେ ନେତାଜୀଙ୍କ ଜୟନ୍ତୀ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏସଡିପିଓ ସଞ୍ଜୟ ମହାପାତ୍ର ଯୋଗଦେଇ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟଷ୍ ଅର୍ପଣ କରି ଛାତ୍ରୀଛାତ୍ରଙ୍କୁ ନେତାଜୀଙ୍କ ଜୀବନୀ ସମ୍ପର୍କରେ ବୁଝାଇଥିଲେ। ନେତାଜୀଙ୍କ ନାମରେ ଉକ୍ତ ଶିକ୍ଷାନୁଷ୍ଠାନର ନାମକରଣ ହୋଇଥିବାର ଛାତ୍ରୀଛାତ୍ରମାନେ ନିଜକୁ ତାଙ୍କ ଆଦର୍ଶରେ ଗଢି ତୋଳିବାକୁ ମହାପାତ୍ର ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ସମୟର ସଂଘର୍ଷର କାହାଣୀ ସମ୍ପର୍କରେ ପ୍ରତିଷ୍ଠାତା ଶେଖ୍ ଗଫୁର ମତ ରଖିଥିଲେ। ପରିଚାଳନା କମିଟି ସଭାପତି ରାମେଶ୍ୱର ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ମାନିତ ଅତିଥି ଭାବେ ଶଶି ଭୂଷଣ ପାତ୍ର, ଏସଏମସି ସଭାପତି ଜୟସନ ଶିସା, ଏସଡିସି ସଦସ୍ୟ ଉର୍ମିଳା ମୁଦୁଲି, କୃଷ୍ଣଚନ୍ଦ୍ର ବଡନାୟକ, ୟୁସୁଫ ଖାନ, ସୁଶୀଳା ଖରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ଶିକ୍ଷକ ପ୍ରସନ୍ନ ଦାସ, ମଦନ ମୋହନ ଓଝା, ସୁଶିଲ ନନ୍ଦ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ସୁବାସ ଚନ୍ଦ୍ର ବେହେରା, ରେଣୁବାଳା ପାଣି ପ୍ରମୁଖ ସହଯୋଗ କରିଥିଲେ।

ବୈପାରିଗୁଡା ମୁଖ୍ୟ ଛକଠାରେ ଏଆଇଡିଏସ୍‌ଓ ପକ୍ଷରୁ ନେତାଜୀ ସଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ଜଗନ୍ନାଥ ହରିଜନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଉପସଭାପତି ଭାଗ୍ୟରବି ଦାସ, ସମ୍ମାନିତ ଅତିଥି ରୂପେ ଜିଲା ସଭାପତି ସୁରଜିତ୍ ସ୍ୱାଇଁ ଯୋଗ ଦେଇଥିଲେ। ବକ୍ତାମାନେ ନେତାଜୀଙ୍କ ଆଦର୍ଶ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜୟନ୍ତୀରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଉମରକୋଟ, ୨୩।୧(ସନ୍ତୋଷ ଶତପଥୀ)**


ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରୁଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ସହରର ୱାର୍ଡ ନଂ ୧୨ ଡଙ୍ଗରିଗୁଡ଼ା ପଡିଆରେ ଉମରକୋଟ ପୌର ପରିଷଦ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜୟଦେବ କୁମାର ପରିଡ଼ା, ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ନିଖିଳ ଭାରତ ବଙ୍ଗୀୟ ସମାଜ ସଭାପତି ତପନ ଦେବନାଥ, ପୂର୍ବତନ ନଗରପାଳ ଖାଡ଼େଶ୍ୱର ମହାନ୍ତି, କାଉନସିଲର ଶିଖା ବିଶ୍ୱାସ, ରେବା ମଣ୍ଡଳ, ମନୋଜ ନାୟକ, ଚିତ୍ତରଞ୍ଜନ ପାତ୍ର, ନେତ୍ର ହରିଜନ, ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିୟା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଏକ ସଭା କରାଯାଇଥିଲା। ନେତାଜୀଙ୍କ ଜୟନ୍ତୀ ଅବସରରେ ପ୍ରଭାତ ଫେରି କରାଯାଇଥିଲା। ନୂତନ ବସଷ୍ଟାଣ୍ଡରୁ ୟୁଭି ୩ ପର୍ଯ୍ୟନ୍ତ ଛାତ୍ରୀଛାତ୍ର, ଯୁବତୀଯୁବକ ଶୋଭାଯାତ୍ରାରେ ବାହାରି ଡଙ୍ଗରିଗୁଡା ପର୍ଯ୍ୟନ୍ତ ଆସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି, ସମସ୍ତ ପୌର କର୍ମଚାରୀ, ବଙ୍ଗୀୟ ସମାଜ ପକ୍ଷରୁ ମନ୍ମଥ ରୟ, ତପନ ପାଲ, ସଞ୍ଜିତ୍ ବିଶ୍ୱାସ, ସଞ୍ଜିତ ମଣ୍ଡଳ, ସନ୍ତୋଷ ସରକାର, ମାନସ ଭୌମିକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟ ଓ ଡଙ୍ଗରିଗୁଡ଼ା ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତେନ୍ତୁଳିଖୁଣ୍ଟି,୨୩।୧(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକଡ଼ିପାଲ୍ଲୀ ସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ଅଧକ୍ଷ ଅବିନାଶ ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ବିଡିଓ ମନୋଜ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ନିଳେନ୍ଦ୍ରୀ ନାୟକ, ଉପଧକ୍ଷ ରାଜେନ୍ଦ୍ର ବିଷୋୟୀ, ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମ ପୂଜାରୀ, କଂଗ୍ରା ସରପଞ୍ଚ ରୁକ୍ମିଣୀ ମାଝି ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଇନ୍ଦ୍ରାବତୀ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଯଶୋବନ୍ତ ବରାଳ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱ ରଞ୍ଜନ ସାହୁ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଛାତ୍ରୀ ଲିପ୍ସାରାଣୀ ଷଡଙ୍ଗୀ, ପୁନମ ପ୍ରିୟା ପ୍ରଧାନ, ମୁସ୍କାନ ଟାକ୍ରୀ, ସନ୍ଧ୍ୟା କର୍କରା, ରତୁ କର୍କରା ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରନ୍ତର ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉଛନ୍ତି ବୋଲି ବିଧାୟକ କହିଥିଲେ। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶସେବା କରିବାକୁ ବିଡିଓ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷା ସହ କ୍ରୀଡ଼ା ଓ ଅନ୍ୟ କ୍ଷେତ୍ରରେ ନିଜକୁ ପ୍ରସ୍ତୁତ କରିବାକୁ ମୁଖ୍ୟବକ୍ତା ଆହ୍ୱାନ ଦେଇଥିଲେ। ଶ୍ରୀରାମ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟରେ ହୋଇଥିବା କ୍ରୀଡ଼ା ଓ ଅନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭସ୍ମିତା ସାହୁ , ସିମ୍ରନ ପ୍ରଧାନ, ବିଦ୍ୟା ସାଗର ପଣ୍ଡା, ପୁନମ ପ୍ରିୟା ପ୍ରଧାନୀ, ସନ୍ତୋଷ ପାଣିଗ୍ରାହୀ, ଆରାଧ ସିଂ, ଜିତୁ କର୍କରା, କଲେସ ହିଆଲଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ନୃତ୍ୟ ଓ କ୍ଷୁଦ୍ର ନାଟକ ପରିବେଷଣ କରିଛନ୍ତି।

## ମା’ କଣ୍ଟାବାଉଁଶୁଣୀଙ୍କ ପୁଷ ପୂନେଇଁ ପରବ

**ଦାମନଯୋଡ଼ି,୨୩।୧(ନରସିଂହ ବ୍ରହ୍ମା)**



ଦାମନଯୋଡ଼ିର ଆରାଧ୍ୟା ଦେବୀ ମା’ କଣ୍ଟାବାଉଁଶୁଣୀଙ୍କ ପୁଷ ପୂନେଇଁ ପରବ(ପୌଷ ପର୍ବ ) ମଙ୍ଗଳବାର ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ପୌଷ ପୂର୍ଣ୍ଣମୀ ନିକଟବର୍ତ୍ତୀ ମଙ୍ଗଳବାର ଦିନ ମା’ଙ୍କର ଏହି ପର୍ବ ପାଳିତ ହୋଇଥାଏ। ସକାଳୁ ମାଆଙ୍କର ବାପଘର ଥିବା ଗାଁ ସିନ୍ଧିପାର ସହିତ କଣ୍ଟାଗୁଡା,ଗାଦିପାବିଲି ଓ ଡୁମୁରିଗୁଡାର ଯୁବକମାନେ ମା’ଙ୍କ ପୀଠକୁ ସଫାସୁତୁରା କରି ସାଜସଜ୍ଜା କରିଥିଲେ। ଉଲ୍ଲେଖଯୋଗ୍ୟ ଏଠାରେ ନାଲ୍‌କୋ ପ୍ରତିଷ୍ଠା ବେଳେ ଏହିସବୁ ଗାଁ ବିସ୍ଥାପିତ ହୋଇଥିଲା। ମାଆ କିନ୍ତୁ ଏଠାରେ ନିଜ ଇଚ୍ଛାରେ ରହିଗଲେ। ଅପରାହ୍ନରେ ମା’ଙ୍କ ପିଟୁଲାକୁ ସ୍ୱତନ୍ତ୍ର ପୋଖରୀରେ ସ୍ନାନ କରାଯାଇ ନାଭିକୁଣ୍ଡରେ(ଜନ୍ମସ୍ଥାନ) ସ୍ଥାପନ କରାଯାଇଥିଲା। ମା’ଙ୍କ ଅସ୍ତ୍ର ଖକୋଟି ଓ ଗୋଠଖଣ୍ଡିକୁ ମଧ୍ୟ ନାଭିକୁଣ୍ଡରେ ସ୍ଥାପନ କରାଯାଇଥିଲା। ପରମ୍ପରା ମୁତାବକ ସ୍ୱତନ୍ତ୍ରଭାବେ ସଦ୍ୟ ପ୍ରସ୍ତୁତ ଜଡ଼ାତେଲ, ଚନ୍ଦନ, ଘିଅ, ଚୂନା, ହଳଦୀ, ସିନ୍ଦୂର ଆଦି ମା’ଙ୍କୁ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମା’ଙ୍କ ବାପଘରୁ ପାଟଖଣ୍ଡା ଅଣାଯିବା ପରେ ମା’ଙ୍କୁ ଶିମ୍ବଫୁଲ, ମନ୍ଦାର, ଗେଣ୍ଡୁଫୁଲ, ଅରୁଆ ଚାଉଳ ଆଦି ସହିତ ନାଲି ଶଙ୍ଖା,ସିନ୍ଦୂର, ବସ୍ତ୍ର, ନଡ଼ିଆ,କଦଳୀ ଆଦି ଲାଗି କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତଙ୍କ ସମର୍ପିତ ଭୋଗ ସହିତ ଅନ୍ନଭୋଗ ଲାଗି କରାଯାଇଥିଲା। ଗୁରୁମାଇଙ୍କ ସହ ପୁରୋଧା ରାମ ମୁଦୁଲି, ଧନୁର୍ଜୟ ମୁଦୁଲି, ମଦନ ମୁଦୁଲି ଓ ଦୀନବନ୍ଧୁ ମୁଦୁଲି ପୂଜାନୀତି ସମ୍ପନ୍ନ କରିଥିଲେ। ନିୟମିତ ପୂଜକ ଅର୍ଜୁନ ଦାମି,ବାସୁ ବଡ଼ନାୟକ ଓ ଜର ବଡ଼ନାୟକଙ୍କ ସହିତ ଗୋପୀ ମୁଦୁଲି,ପୀତୁ ବଡନାୟକ,ରାମ ନାୟକ, ତ୍ରିଲୋଚନ ମାଳି, ଭକ୍ତରାମ ପୂଜାରୀ, ତ୍ରିନାଥ ମାଳି, ମୁରଲୀ ନାୟକ, ଦିବାକର ଗୁଣ୍ଟା,ରାଜେଶ ପୂଜାରୀଙ୍କ ସହ ଅନ୍ୟମାନେ ନୀତିକାନ୍ତିରେ ସହଯୋଗ କରିଥିଲେ। ମା’କଣ୍ଟାବାଉଁଶୁଣୀ ସେବାୟତ ମଣ୍ଡଳୀ ସଭାପତି ଜେକେ ନାହାକ, ସମ୍ପାଦକ କୃତ୍ତିବାସ ରାଜୁ, କର୍ମକର୍ତ୍ତା ପି.କେ. ମୁନି, ଲୋକନାଥ କୁଳଦୀପ, ଶଙ୍କର୍ଷଣ ବିଶ୍ୱାଳ, ଆର୍.ଏନ୍. ମୁଦୁଲି,ଧନୁର୍ଜୟ ଦାମି, ମହେନ୍ଦ୍ର ଖଟୁଆ ଓ ଖଦାଳ ନାୟକ ଉପସ୍ଥିତ ଥିଲେ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।
(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 18/2023-24 Date of Insertion- 15.01.2024
वॉक–इन–इन्टरव्यू
भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

